بسم الله الرحمن الرحيم

**ଖୁତ୍‌ବା ଜୁମା ୧୮ ନଭେମ୍ବର ୨୦୨୨ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍ ଟେଲଫୋର୍ଡ଼ (ୟୁ.କେ)**

# ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ତଥା ମାର୍ଗଦର୍ଶୀ ଖଲିଫା ହ. ଅବୁ ବକର ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଅଶହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶହ୍‌ଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୂରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ; ସର୍ବଶ୍ରେଷ୍ଠ ସତ୍ୟବାଦୀ ହ. ଅବୁ ବକର ର.ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା ଏବଂ ଆପଣ ର.ଅଙ୍କ ଜୀବନୀର କେତେକାଂଶ ପୂର୍ବ ଖୁତ୍‌ବାରେ ବର୍ଣ୍ଣିତ ହୋଇଯାଇଛି । ସେହି କ୍ରମରେ ଆଜି ମୁଁ ଆଁହଜରତ ସ.ଅଙ୍କ ଦୃଷ୍ଟିରେ ହ. ଅବୁ ବକର ର.ଅଙ୍କ ଯେଉଁ ମର୍ଯ୍ୟାଦା ରହିଥିଲା ସେସଂପର୍କରେ ବର୍ଣ୍ଣନା କରିବି । ଯହିଁରୁ ଏହି ପ୍ରତୀତ ହୁଏ ଯେ, ଆଁହଜରତ ସ.ଅ ହ. ଅବୁ ବକର ର.ଅଙ୍କୁ ହିଁ କେବଳ ନିଜର ଉତ୍ତରାଧିକାରୀ ରୂପେ ମନୋନୀତ କରିବାକୁ ଇଚ୍ଛା ପ୍ରକାଶ କରୁଥିଲେ ତାହା ନୁହେଁ ବରଂ ଏହା ଇଙ୍ଗିତ କଲେ ଯେ, ଅଲ୍ଲାଃତାଲା ହିଁ ହ. ଅବୁ ବକର ର.ଅଙ୍କୁ ମୋ ଚାଲିଯିବା ପରେ ମୋର ଖଲିଫା (ଉତ୍ତରାଧିକାରୀ) କରିବେ । ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି, ରସୁଲୁଲ୍ଲାଃ ସ.ଅ ନିଜର ରୋଗାବସ୍ଥା ସମୟରେ କହିଲେ, ହେ ଆଏଶା ! ନିଜ ପିତାଶ୍ରୀ ଅବୁ ବକରଙ୍କୁ ମୋ ନିକଟକୁ ଡାକ । କାରଣ ମୁଁ ଏକ ବିଷୟ ଉଲ୍ଲେଖ କରିଦେବି । କାରଣ ମୁଁ ଏହା ଆଶଙ୍କା କରୁଛି ଯେ, ଅନ୍ୟ କୌଣସି ବ୍ୟକ୍ତି ଯେପରି ଏହା ନକହୁ ଯେ, ସେ ଖିଲାଫତ୍‌ର ପ୍ରକୃତ ଅଧିକାରୀ ଅଟେ । କିନ୍ତୁ ଅଲ୍ଲାଃତାଲା ଓ ବିଶ୍ୱାସକାରୀଙ୍କ ବ୍ୟତୀତ ଅନ୍ୟ ସମସ୍ତେ (ଲୋକମାନେ) ହ. ଅଲବୁ ବକର ର.ଅଙ୍କ ଖିଲାଫତ୍‌କୁ ଅସ୍ୱୀକାର କରିବେ ।

ଉଫକ୍ ଘଟଣାର ଚର୍ଚ୍ଚା କରି ହୁଜୁର ଅନୱର୍ ଅ.ବ କହିଲେ, ଉକ୍ତ ଘଟଣାରେ କିଛି ସଂକ୍ଷିପ୍ତ ଅଂଶ ରହିଛି ଯହିଁରୁ ସ୍ପଷ୍ଟ ଭାବରେ ଏହା ପ୍ରମାଣିତ ହୋଇଯାଏ ଯେ, ହ. ଆଏଶା ର.ଅଙ୍କ ଉପରେ ଏହି ଦୋଷାରୋପ କରାଗଲା ଯେ, ବିପତ୍ତିର ପର୍ବତ ତ' ଆଏଶା ର.ଅଙ୍କ ଉପରେ ଖସି ପଡ଼ିଲା କିନ୍ତୁ ତାଙ୍କ ଅଭିଭାବକମାନଙ୍କର ରସୁଲୁଲ୍ଲାଃ ସ.ଅଙ୍କ ପ୍ରତି ଥିବା ପ୍ରେମ ଓ ଆନ୍ତରିକତା ତଥା ନବୀଙ୍କ ସମ୍ମାନ ଓ ମର୍ଯ୍ୟାଦା ପୁତ୍ରୀ ଠାରୁ ଅଧିକ (ବଢିଯାଇ)ଥିଲା । ସେ ନିଜର ସୁପୁତ୍ରୀଙ୍କୁ ସେହି ଅବସ୍ଥାରେ ହିଁ ରହିବାକୁ ଦେଲେ ଯେଉଁଭଳି ଅବସ୍ଥାରେ ନବୀ କରୀମ୍ ସ.ଅ ଉଚିତ ବୋଲି ମନେ କରିଥିଲେ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ଏ ସଂକ୍ରାନ୍ତରେ ବର୍ଣ୍ଣନା କରିଛନ୍ତି ଆମମାନଙ୍କୁ ଚିନ୍ତା କରିବା ଉଚିତ ଯେ, ସେହି ଲୋକମାନେ କିଏ ଥିଲେ ଯେଉଁମାନଙ୍କୁ ଅକାରଣରେ ବଦନାମ କରିବା ପାଇଁ କପଟବିଶ୍ୱାସୀମାନେ ଏକ ଷଡ଼ଯନ୍ତ୍ର ପ୍ରସ୍ତୁତ କରିଥିଲେ ଓ ତାହା ସେହି କପଟବିଶ୍ୱାସୀ ଅଧିପତିମାନଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇ ପାରିଥାଆନ୍ତା । ହ. ଆଏଶା ର.ଅଙ୍କ ଉପରେ ଲାଞ୍ଛନା ଲଗାଇବା ଦ୍ୱାରା ତାହା ରସୁଲ୍ କରୀମ ସ.ଅ ଓ ହ. ଅବୁ ବକର ର.ଅଙ୍କ ପ୍ରତି ମଧ୍ୟ ଅଙ୍ଗୁଳୀ ଉଠି ଯାଇପାରିବ । କାରଣ ହ. ଆଏଶା ର.ଅ ଏକ ପକ୍ଷରେ ଆଁହଜରତ ସ.ଅଙ୍କର ପତ୍ନୀ ଥିଲେ ଏବଂ ଅନ୍ୟ ପକ୍ଷରେ ହ. ଅବୁ ବକର ର.ଅଙ୍କ ସୁପୁତ୍ରୀ ଥିଲେ । ଏହି ଦୁଇଟି ଅସ୍ତିତ୍ୱ ଏପରି ଥିଲା ଯେ, ସେମାନଙ୍କର ଲୋକନିନ୍ଦା ରାଜନୈତିକ ଏବଂ ଚାରିତ୍ରିକ ଦୃଷ୍ଟିରୁ କେତେକ ଖଳ ପ୍ରକୃତିର ଓ କପଟବିଶ୍ୱାସୀ ଲୋକମାନଙ୍କ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇପାରି ଥାଆନ୍ତା । ହ. ଆଏଶା ର.ଅଙ୍କ ବଦନାମୀରୁ କୌଣସି ବ୍ୟକ୍ତିକୁ କିଛି ଲାଭ କିପରି ପ୍ରାପ୍ତ ହୋଇପାରି

ଥାଆନ୍ତା ? ବରଂ ଏହି ବିଚାର ହୋଇଥାଆନ୍ତା ଯେ, ହ. ଆଏଶା ର.ଅଙ୍କ ସଉତୁଣୀମାନେ ହ. ଆଏଶା ର.ଅଙ୍କୁ ରସୁଲୁଲ୍ଲାଃ ସ.ଅଙ୍କ ଦୃଷ୍ଟିରେ ତଳେ ପକାଇବା ଏବଂ ନିଜର ସ୍ତର ଏବଂ ସ୍ଥାନକୁ ଉଚ୍ଚ କରିବା ପାଇଁ କୌଣସି କୁକାର୍ଯ୍ୟରେ ଭାଗ ନେଇଥିବେ । କିନ୍ତୁ ଇତିହାସ ଏକଥାର ସାକ୍ଷୀ ଯେ, ଏପରି କିଛି ହୋଇ ନଥିଲା । ଆଁହଜରତ ସ.ଅଙ୍କ ଜଣେ ପତ୍ନୀଙ୍କ ସଂପର୍କରେ ଏହି ଚର୍ଚ୍ଚା ମିଳେ ଯେ, ରସୁଲୁଲ୍ଲାଃ ସ.ଅ ଯେତେବେଳେ ସେହି ପତ୍ନୀଙ୍କୁ ପଚାରିଲେ ସେତେବେଳେ ସେ ଉତ୍ତର ଦେଲି ଯେ, ମୁଁ ତ' ହ. ଆଏଶା ର.ଅଙ୍କ ଠାରେ ସୁଗୁଣ ଓ ପରୋପକାର ବ୍ୟତୀତ ଅନ୍ୟ କିଛି ଦେଖୁ ନାହିଁ ।

ହଦିସ୍‌ରେ ସ୍ପଷ୍ଟ ରୂପେ ଉଲ୍ଲେଖ ରହିଛି ଯେ, ସାହାବାମାନେ ପରସ୍ପର ସହିତ ବାର୍ତ୍ତାଳାପ ହେଉଥିଲେ ଯେ, ନବୀ କରୀମ୍ ସ.ଅଙ୍କ ପରେ ଯଦି କୌଣସି ବ୍ୟକ୍ତିର ମାନମର୍ଯ୍ୟାଦା ରହିଛି ତେବେ ସେ ହେଉଛନ୍ତି ହ. ଅବୁ ବକର ର.ଅ । ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍ ଯେତେବେଳେ ଦେଖିଲା ଯେ, ରସୁଲ୍ କରୀମ ସ.ଅଙ୍କ ପରେ ତା'ର ଶାସକ ହେବାର ଆଶା ମଉଳି ଯିବାକୁ ବସିଲାଣି ସେତେବେଳେ ସେ ଆଉ କିଛି ତ' କରିପାରିଲା ନାହିଁ । କିନ୍ତୁ ତେଣୁ ତା'ର ଏହି ଅଭିଳାଷା ଥିଲା ଯେ, ମୁହମ୍ମଦ ସ.ଅ ମୃତ୍ୟୁବରଣ କରନ୍ତୁ ଏବଂ ମୁଁ ମଦିନାର ଶାସକ ଓ ସମ୍ରାଟ ହେବି । ଅତଃ ସେ ନିଜର ଅଭିପ୍ରାୟକୁ ଚରିତାର୍ଥ କରିବା ନିମନ୍ତେ ହ. ଆଏଶା ର.ଅଙ୍କ ଉପରେ ଲାଞ୍ଛନ ଲଗାଇଲା । ଯଦ୍ୱାରା ରସୁଲ୍ କରୀମ୍ ସ.ଅ ହ. ଆଏଶା ର.ଅଙ୍କୁ ଘୃଣା କରନ୍ତୁ ଏବଂ ହ. ଅବୁ ବକର ର.ଅଙ୍କର ଲୋକମାନଙ୍କ ମଧ୍ୟରେ ଯେଉଁ ଖ୍ୟାତି ଓ ମାନମର୍ଯ୍ୟାଦା ରହିଛି ତାହିଁର ହ୍ରାସ ଘଟୁ ଏବଂ ଭବିଷ୍ୟତରେ ଖଲିଫା ହେବାର ପ୍ରାର୍ଥୀ ରୂପେ ମନୋନୀତ ହେବାର ସମ୍ଭାବନା ଓ ଆଶଙ୍କା ଆଉ ଯେପରି ବାକି ନରହୁ । ସୁତରାଂ ଏହି ବିଷୟକୁ ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ ଚର୍ଚ୍ଚା କରିଛନ୍ତି ଯେ, **ଇନ୍ନଲ୍ଲଜିନା ଯାଉ ବିଲ୍ ଉଫ୍‌କି ଉସ୍‌ବତୁନ୍ ମିନ୍‌କୁମ୍ ଲା ତହ୍‌ସବୁହୁ ଶର୍‌ରଲ୍ ଲକୁମ୍ ବଲ୍ ହୁଆ ଖୈରଲ୍ ଲକୁମ୍** । ନିଃସନ୍ଦେହ ସେହି ଲୋକମାନେ ଯେଉଁମାନେ ଆନ୍ୟମାନଙ୍କ ପ୍ରତି ମିଥ୍ୟାରୋପ ପ୍ରୟୋଗ କରନ୍ତି ସେମାନେ ତୁମମାନଙ୍କ ମଧ୍ୟରୁ ହିଁ ଏକ ଗୋଷ୍ଠୀ ଅଟନ୍ତି । ଏହି ପ୍ରସଙ୍ଗକୁ ନିଜ ପାଇଁ ତୁମେମାନେ ଖରାପ ବୋଲି ବିଚାର କର ନାହିଁ। ବରଂ ଉତ୍ତମ ବୋଲି ମନେକର । ଅର୍ଥାତ ଏହି ଦୋଷାରୋପଣ ତୁମମାନଙ୍କ ପକ୍ଷେ ହିତ ତଥା ଉନ୍ନତିର କାରଣ ହୋଇଯିବ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, ସୁରାଃ ନୁର୍‌ରେ ପ୍ରାରମ୍ଭରୁ ଶେଷ ଯାଏଁ କିପରି ସୁନ୍ଦର ଭାବରେ ଏକ ବିଷୟ ବସ୍ତୁକୁ ବର୍ଣ୍ଣନା କରାଯାଇଛି । ହ. ଆଏଶା ର.ଅଙ୍କ ଉପରେ ଲାଗିଥିବା ଲାଞ୍ଛନା ପରେ ହିଁ ଖିଲାଫତ୍‌ର ଚର୍ଚ୍ଚା କରି ପ୍ରଭୁ କହିଲେ: ଖିଲାଫତ୍ ସମ୍ରାଟତ୍ୱ ଓ ଶାସକତ୍ୱ ପରି ନୁହଁ । ତାହା ତ' ଐଶ୍ୱରିକ ପ୍ରକାଶକୁ ସ୍ଥାପନ କରିବାର ଏକମାତ୍ର ମାଧ୍ୟମ ଅଟେ । ଏଣୁ ଖିଲାଫତ୍‌ର ସ୍ଥାପନ ଅଲ୍ଲାତାଲା ନିଜ ହସ୍ତରେ ରଖିଛନ୍ତି । ଏହାର ନଷ୍ଟ ହେବା ଅବତାରତ୍ୱର ଆଲୋକ ନଷ୍ଟ ହେବା ଓ ଐଶୀ ପ୍ରକାଶ ନଷ୍ଟ ହେବା ସହିତ ସମତୁଲ୍ୟ ଅଟେ । ଅତଏବ ଅଲ୍ଲାଃତାଲା ସେହି ପ୍ରକାଶକୁ ଅବଶ୍ୟ ସ୍ଥାପନ କରିବେ ଏବଂ ନବୁଓ୍ୱତ୍ (ଅବତାରତ୍ୱ) ପରେ ସମ୍ରାଟତ୍ୱ ଏବଂ ରାଜାଙ୍କ ଶାସନ କଦାପି ସ୍ଥାପନ ହେବାକୁ ଦେବେ ନାହିଁ । ବରଂ ସେ ଯାହାକୁ ଚାହିଁବେ ତାହାକୁ ହିଁ ଖଲିଫା ରୂପେ ମନୋନୀତ କରିବେ । ବରଂ ଅଲ୍ଲାଃତାଲା ଏହି ପ୍ରତିଶୃତି ଦେଇ କହିଲେ ଯେ, ସେ ମୁସଲମାନମାନଙ୍କ ମଧ୍ୟରୁ କେବଳ ଜଣେ ବ୍ୟକ୍ତିକୁ ନୁହେଁ ବରଂ ଅସଂଖ୍ୟ ଲୋକମାନଙ୍କୁ ଖିଲାଫତ୍ ପଦରେ ଆସନ୍ନିତ କରି ଆଲୋକର ଯୁଗକୁ ପ୍ରଲମ୍ବିତ କରିଦେବେ । ସେ ଯାହାହେଉ ନା କାହିଁକି ଉକ୍ତ ଘଟଣାରୁ ଏବଂ ପରବର୍ତ୍ତୀ ସମୟରେ ଅଲ୍ଲାଃତାଲାଙ୍କର ବ୍ୟବହାରିକମୂଳକ ସାକ୍ଷ୍ୟରୁ ମଧ୍ୟ ଏହା ପ୍ରମାଣିତ ହୋଇଗଲା ଯେ, ଅବତାରତ୍ୱ ପରେ ତୁରନ୍ତ ଖିଲାଫତ୍‌ର ପରମ୍ପରା ଆଁହଜରତ ସ.ଅଙ୍କ ଭବିଷ୍ୟତବାଣୀ ଅନୁଯାୟୀ ଅବ୍ୟାହତ ରହିବ ଏବଂ ଅବ୍ୟାହତ ମଧ୍ୟ ରହିଲା । ପୁନଶ୍ଚ ଅଲ୍ଲାଃତାଲାଙ୍କ ପ୍ରତିଶୃତି ଅନୁଯାୟୀ ହ. ମସିହ୍ ମଉଦ୍ ଅ.ସଙ୍କ ମାଧ୍ୟମରେ ହିଁ ସେହି ବ୍ୟବସ୍ଥା ପୁନଃ ସ୍ଥାପିତ ହୋଇଅଛି ।

ହ. ଅବୁ ବକର ର.ଅଙ୍କ ବିନୀତତା ଏବଂ ବନମ୍ରତା ସଂପର୍କରେ ହ. ସଇଦ୍ ବିନ୍ ମୁସୈବ୍ ବର୍ଣ୍ଣନା କରନ୍ତି ଯେ, ଏକଦା ନବୀ କରୀମ୍ ସ.ଅ ନିଜର କେତେକ ସାହାବାମାନଙ୍କ ସହିତ ଏକ ସଭାରେ ବସିଥିଲେ କି ଜଣେ ବ୍ୟକ୍ତି ଆସି ହ. ଅବୁ ବକର ର.ଅଙ୍କ ସହିତ କଳହ କଲା ଏବଂ ଆପଣ ର.ଅଙ୍କୁ ତିନିଥର କଷ୍ଟ ପହଞ୍ଚାଇଲା । କିନ୍ତୁ ଆପଣ ର.ଅ ନିରବ ରହିଲେ ଏବଂ ତୃତୀୟ ଥର ପରେ ଆପଣ ର.ଅ ଯେତେବେଳେ ନିଜର ପ୍ରତିଶୋଧ ନେବାକୁ ବାହାରିଲେ

ସେତେବେଳେ ନବୀ କରୀମ୍ ସ.ଅ ଛିଡ଼ା ହୋଇପଡ଼ିଲେ । ହ. ଅବୁ ବକର ର.ଅଙ୍କ ପଚାରିବା ପରେ ଆପଣ ସ.ଅ କହିଲେ ଯେ, ଆକାଶରୁ ଏକ ଦେବଦୂତ ଅବତୀର୍ଣ୍ଣ ହେଲା ଯିଏକି ଏହି କଥାର ଖଣ୍ଡନ କରୁଥିଲା ଯାହା ସେହି ବ୍ୟକ୍ତି ଜଣକ ତୁମ ସଂପର୍କରେ ବର୍ଣ୍ଣନା କରୁଥିଲା । କିନ୍ତୁ ଯେତେବେଳେ ତୁମେ ପ୍ରତିଶୋଧପରାୟଣ ହେଇ କିଛି କହିଲ ସେତେବେଳେ ଶଇତାନ ଆସିଗଲା ଏବଂ ମୁଁ ଏହିଭଳି ସଭାରେ ଆଦୌ ବସି ପାରିବି ନାହିଁ ଯେଉଁ ସଭାରେ ଶଇତାନ ପ୍ରବେଶ କରିଥାଏ । ପୁନଶ୍ଚ ଆଁହଜରତ ସ.ଅ କହିଲେ ଯେ, ହେ ଅବୁ ବକର ! ତିନୋଟି କଥା ରହିଛି ଯାହାକି ନିରାଟ ସତ୍ୟ ଅଟେ । **ପ୍ରଥମ-** ଯେତେବେଳେ କୌଣସି ବ୍ୟକ୍ତି ଉପରେ ଅତ୍ୟାଚାର କରାଯାଏ ଏବଂ ସେ କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ତାହାକୁ ଅଣଦେଖା କରିଦିଏ ସେତେବେଳେ ଅଲ୍ଲାଃତାଲା ତାହାକୁ ନିଜର ସାହାଯ୍ୟ ମାଧ୍ୟମରେ ସମ୍ମାନିତ କରିଦିଅନ୍ତି । **ଦ୍ୱିତୀୟ-** ସେହି ବ୍ୟକ୍ତି ଯିଏ କୌଣସି ଦାନ ଦକ୍ଷିଣାର ମାର୍ଗ ଉନ୍ମୁକ୍ତ କରେ ଯାହା ସାହାଯ୍ୟରେ ତା'ର ପରିବାର ବର୍ଗଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରାଯିବା ପ୍ରତି ସେ ଆଶାବାଦୀ ଥାଏ, ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତିର ଧନରେ ପ୍ରଚୁର ଅଭିବୃଦ୍ଧି ଘଟାଇ ଦେଇଥାଆନ୍ତି । **ତୃତୀୟ-** ସେହି ବ୍ୟକ୍ତି ଯିଏ ମାଗିବାର ଦ୍ୱାରକୁ ଉନ୍ମୁକ୍ତ କରେ ଯାହା ସାହାଯ୍ୟରେ ସେ ନିଜ ଧନରେ ଅଭିବୃଦ୍ଧି କରିବାର ଉଦ୍ଦେଶ୍ୟ (ନିଜ ମନ ଭିତରେ) ପୋଷଣ କରିଥାଏ ତେବେ ଅଲ୍ଲାଃତାଲା ତାହାକୁ ତାହାରି ମାଧ୍ୟମରେ ନ୍ୟୁନତା, ସ୍ୱଳ୍ପତା ଏବଂ ଅନଟନତାରେ ଅଭିବୃଦ୍ଧି କରି ଦେଇଥାଆନ୍ତି ।

ହ. ମସିହ୍ ମଉଦ୍ ଅ.ସ ହ. ଅବୁ ବକର ର.ଅଙ୍କ ସୁଗୁଣାବଳୀର ଚର୍ଚ୍ଚା କରି କୁହନ୍ତି, ହ. ଅବୁ ବକର ର.ଅ ପୂର୍ଣ୍ଣ ବ୍ରହ୍ମଜ୍ଞାନର ଅଧିକାରୀ, ଈଶ୍ୱରଙ୍କୁ ଚିହ୍ନିଥିବା ବ୍ୟକ୍ତି, ଅତ୍ୟନ୍ତ ଦୟାବାନ ସ୍ୱଭାବ, ଅତ୍ୟନ୍ତ କୃପାବତ୍ସଳ ସ୍ୱଭାବର ଅଧିକାରୀ, ବିନୀତ ସ୍ୱଭାବର ବ୍ୟକ୍ତି ଓ ଅଭାବ ତଥା ଦାରିଦ୍ର୍ୟତା ଭଳି ସମୟରେ ସାଧାରଣ ପୋଷାକ ପରିହିତ କରୁଥିବା ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଏବଂ ଅତ୍ୟନ୍ତ ସରଳ ଜୀବନ ଯାପନ କରୁଥିଲେ । ସେ ଅତ୍ୟନ୍ତ ଦୟା ଓ କ୍ଷମାର ପ୍ରତିମୂର୍ତ୍ତି ଥିଲେ । ସେ ନିଜ କପାଳରେ ଥିବା ଐଶୀ ଆଲୋକ ଦ୍ୱାରା ଚିହ୍ନିତ ହେଉଥିଲେ । ଆପଣ ର.ଅଙ୍କ ଆତ୍ମା ରସୁଲୁଲ୍ଲାଃ ସ.ଅଙ୍କ ଆତ୍ମା ସହିତ ସଂଶ୍ଳିଷ୍ଟ ରହିଥିଲା । ଆପଣ ର.ଅ ଜଣେ ସଚ୍ଚୋଟ ଉପାସନାକାରୀ ଭାବରେ ଅଲ୍ଲାଃତାଲାଙ୍କ ଆଧ୍ୟାତ୍ମିକ ରଙ୍ଗରେ ବିମଣ୍ଡିତ ହୋଇଥିଲେ । ସତ୍ୟତା ଆପଣଙ୍କର ପୂର୍ଣ୍ଣ ବିଶ୍ୱାସ ଓ ସ୍ୱଭାବଗତ ବିଶେଷତା ଥିଲା । ଏହି ସତ୍ୟବାଦୀତା ଏବଂ ଆଧ୍ୟାତ୍ମିକ ସ୍ତର ଆପଣ ର.ଅଙ୍କ ପ୍ରତ୍ୟେକ କର୍ମ ଓ କଥନରେ ପରିପ୍ରକାଶ ହେଉଥିଲା । ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ହ. ଅବୁ ବକର ର.ଅଙ୍କ ବିଶେଷ ମାନମର୍ଯ୍ୟାଦା ସ୍ୱୟଂ ଈଶ୍ୱର ମୋ ଉପରେ ପ୍ରକାଶ କଲେ ।

ଆପଣ ର.ଅ ଈଶ୍ୱରଙ୍କ ସେହି ନିର୍ଝରମୂଳକ ଧର୍ମ ଉପରେ ବିଶ୍ୱାସ ସ୍ଥାପନ କରିବା ସାଂସାରିକ ବସ୍ତୁ ପ୍ରତି ଅନାସକ୍ତ ଭାବ ପୋଷଣ କରିବା ଯୋଗୁଁ ସମ୍ଭବ ହେଲା । ହ. ଅବୁ ବକର ର.ଅଙ୍କ ଠାରେ ଆଚାର ସଂହିତା, ବ୍ୟବହାରରେ ଆମର ପ୍ରିୟ ରସୁଲ୍ ଓ ଆଧ୍ୟାତ୍ମିକ ପିତା ହ. ମୁହମ୍ମଦ ସ.ଅଙ୍କ ସହିତ ସମତୁଲ୍ୟ ଥିଲେ । ସେହିପରି ସେ ଜଣେ ପ୍ରତିବିମ୍ବ ସ୍ୱରୂପ ଥିଲେ ଏବଂ ଆପଣ ର.ଅଙ୍କ ଅସ୍ତିତ୍ୱ ଜୀବ ଶ୍ରେଷ୍ଠ ହ. ମୁହମ୍ମଦ ସ.ଅଙ୍କ ସହିତ ଏକ ପ୍ରାରମ୍ଭିକ ସାଦୃଶ୍ୟତା ରହିଥିଲା । ସେହି କାରଣରୁ ହ. ଅବୁ ବକର ର.ଅଙ୍କୁ ହୁଜୁର୍ ସ.ଅଙ୍କ କୃପା ବଳରେ କ୍ଷଣିକ ମୁହୂର୍ତ୍ତରେ ତାହାସବୁ ପ୍ରାପ୍ତ ହୋଇଗଲା ଯାହା ଅନ୍ୟମାନଙ୍କୁ ପ୍ରାପ୍ତ କରିବା ପାଇଁ ବର୍ଷ ବର୍ଷ ଧରି ତପସ୍ୟା ଓ ଅଧ୍ୟବସାୟ କରିବାକୁ ପଡୁଥିଲେ ସୁଦ୍ଧା ପ୍ରାପ୍ତ ତାହା ପ୍ରାପ୍ତ ହୋଇପାରି ନଥିଲା । ହ. ଅଲୀ ବିନ୍ ଅବୁ ତାଲିବ୍ ର.ଅ ବର୍ଣ୍ଣନା କଲେ ଯେ, ନବୀ କରୀମ୍ ସ.ଅ କହିଲେ, ନିଃସନ୍ଦେହ ପ୍ରତ୍ୟେକ ନବୀଙ୍କୁ ସାତୋଟି ପବିତ୍ର ସାଥୀ ପ୍ରଦାନ କରାଯାଇଛି କିନ୍ତୁ ମୋତେ ୧୪ ଜଣ ସାଥି ପ୍ରଦାନ କରାଯାଇଛି । ତନ୍ମଧ୍ୟରୁ ହ. ଅବୁ ବକର ର.ଅ ଅନ୍ୟତମ ଅଟନ୍ତି।

ତୁବୁକ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ ପରେ ଆଁହଜରତ ସ.ଅ ଏହା ଜାଣିବାକୁ ପାଇଲେ ଯେ, ଅବିଶ୍ୱାସକାରୀମାନେ ଅନ୍ୟ ଲୋକମାନଙ୍କ ସହିତ ମିଶି ହଜ୍ ତୀର୍ଥ କରୁଛନ୍ତି ଏବଂ ଶିର୍କମୂଳକ ବଚନ ନିଜ ତୁଣ୍ଡରୁ ଉଚ୍ଚାରଣ କରୁଛନ୍ତି ଓ ଙ୍ଗୁଙ୍ଗୁଳା ଶରୀରରେ ଖାନା କାଆବାର ପରିକ୍ରମା କରୁଛନ୍ତି । ସୁତରାଂ ଆଁହଜରତ ସ.ଅ ସେହି ବର୍ଷ ହଜ୍ ତୀର୍ଥ କରିବାର ଇଚ୍ଛାକୁ ପରିତ୍ୟାଗ କରିଦେଲେ । ଆଁହଜରତ ସ.ଅ ୯ ହିଜ୍‌ରୀରେ ହ. ଅବୁ ବକର ର.ଅଙ୍କୁ ଅମୀରୁଲ୍ ହଜ୍ (ତୀର୍ଥଯାତ୍ରୀଙ୍କ ଅମୀର୍) ଭାବରେ ନିଯୁକ୍ତ କରି ମକ୍କା ପ୍ରେରଣ କରିଥିଲେ । ହ. ଅବୁ ବକର ର.ଅ ୩୦୦ ସାଥିଙ୍କ ସମେତ ମକ୍କା

ଅଭିମୁଖେ ବାହାରିଲେ । ଆଁହଜରତ ସ.ଅ କୁର୍ବାନୀର ୩୦ଟି ଜୀବ ମଧ୍ୟ ହ. ଅବୁ ବକର ର.ଅଙ୍କ ସହିତ ପ୍ରେରଣ କଲେ। ସେହି ଜୀବମାନଙ୍କ ବେକରେ ଆଁହଜରତ ସ.ଅ ସ୍ୱୟଂ ନିଜ ପାଇଁ ୫ଟି ଚିହ୍ନ ଲଗାଇ ଦେଇଥିଲେ । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଅଲୀ ର.ଅ ସେହି ହଜ୍ ଅବସରରେ ସୁରାଃ ତୌବାର ପ୍ରାରମ୍ଭିକ ଆୟତ୍‌ର ଘୋଷଣା କରିଥିଲେ ଯାହାର ସବିଶେଷ ବୃତ୍ତାନ୍ତ ହ. ଅଲୀ ର.ଅଙ୍କ ଚର୍ଚ୍ଚାରେ ମୁଁ ପୂର୍ବ ଖୁତ୍‌ବାମାନଙ୍କରେ ଚର୍ଚ୍ଚା କରି ଦେଇଛି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ବକର ର.ଅଙ୍କ ଚର୍ଚ୍ଚା **ଇନ୍‌ଶାଅଲ୍ଲାଃ** ଆସନ୍ତାରେ ମଧ୍ୟ ଅବ୍ୟାହତ ରହିବ ।

ଖୁତ୍‌ବାର ଶେଷରେ ହୁଜୁର ଅନୱର୍ ଅ.ବ କେତେକ ମୃତକମାନଙ୍କର ଉତ୍ତମ ଚର୍ଚ୍ଚା କଲେ ଏବଂ ନମାଜ୍ ଜୁମା ପରେ ସେମାନଙ୍କର ନମାଜ ଯନାଜାଃ ଗାଏବ ପଢେଇବାର ଘୋଷଣା ମଧ୍ୟ କଲେ । ସେହି ମୃତକମାନଙ୍କ ମଧ୍ୟରୁ ଜଣେ ମୃତକଙ୍କ ଯନାଜାଃ ଉପସ୍ଥିତ ରହିଥିଲା ଏବଂ ସେ ହେଲେ ସମ୍ମାନନୀୟ ସ୍ୱର୍ଗତ ମୁହମ୍ମଦ୍ ଦାଉଦ୍ ଜଫର୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲାଙ୍କର । ଅପର ପକ୍ଷରେ ଆଉ ଏକ ଯନାଜାଃ ଗାଏବ୍ ରହିଥିଲା ଯାହାକି ସମ୍ମାନନୀୟା ସ୍ୱର୍ଗତା ରୁକିୟା ବେଗମ୍ ସାହେବା ଏବଂ ସ୍ୱର୍ଗତ ମୌଲାନା କରମ୍ ଇଲାହି ବଖ୍‌ଶ ସାହେବଙ୍କ ଯନାଜାଃ ଅଟେ ।

ହୁଜୁର ଅନୱର୍ ଅ.ବ କହିଲେ: ତୃତୀୟ ଯନାଜାଃ ହେଲା ସମ୍ମାନନୀୟା ସ୍ୱର୍ଗତା ତାହିରା ହନୀଫ୍ ସାହେବଙ୍କର । ସ୍ୱର୍ଗତା ସୟଦ୍ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବଙ୍କର ସୁପୁତ୍ରୀ ଥିଲେ ଏବଂ ମିର୍ଜା ହନୀଫ୍ ଅହେମଦ୍ ସାହେବ ସ୍ୱର୍ଗତଙ୍କର ପତ୍ନୀ ଥିଲେ ଏବଂ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ ପୁତ୍ରବଧୂ ଥିଲେ ଏବଂ ମୋର ମାଇଁ ମଧ୍ୟ ଥିଲେ । ୧୯୩୬ ମସିହାରେ ସେ କାଦିୟାନ୍‌ରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତା ସ୍ୱର୍ଗତ ସୟଦ୍ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ ଥିଲେ । ଯେକି ବୁଖାରୀ ଭଳି ବୃହତାକାୟ ହଦିସ୍ ପୁସ୍ତକର ବ୍ୟଖ୍ୟାକାର ଥିଲେ । ସ୍ୱର୍ଗତାଙ୍କ ମାତାଙ୍କ ନାମ ସୟଦ୍ ସୟାରାହ୍ ସାହିବା ଥିଲା । ସେ ଦମିଶ୍‌କ୍‌ର ଅଧିବାସୀ ଥିଲେ । ତାଙ୍କର ଦଦା ହ. ଡାକ୍ତର ସୟଦ୍ ଅବ୍‌ଦୁସ୍ ସତ୍ତାର୍ ଶାହ୍ ସାହେବଙ୍କ ମାଧ୍ୟମରେ ତାଙ୍କ ବଂଶରେ ଅହେମଦିୟତ୍ ପ୍ରବିଷ୍ଟ ହୋଇଥିଲା । ଯିଏ ହ. ଖଲିଫତୁଲ୍ ମସିହ୍‌ଉର୍ ରାବେ ର.ଅଙ୍କ ନନା ଥିଲେ । ଏହିପରି ସେ ହୁଜୁର ର.ଅଙ୍କ ମାମୁ ଝିଅ ଭଉଣୀ ଥିଲେ । ଅଲ୍ଲାଃତାଲା ସ୍ୱର୍ଗତାଙ୍କୁ ତିନୋଟି କନ୍ୟା ସନ୍ତାନ ଓ ଏକମାତ୍ର ପୁତ୍ର ସନ୍ତାନ ପ୍ରଦାନ କରିଥିଲେ । ଖିଲାଫତ୍ ପ୍ରତି ତାଙ୍କର ଗଭୀର ନିଷ୍ଠା ରହିଥିଲା । ମୋତେ ମଧ୍ୟ ସେ ନିୟମିତ ରୂପେ ପତ୍ର ଲେଖୁଥିଲେ ଏବଂ ପ୍ରତ୍ୟେକ ଖୁତ୍‌ବା ପରେ ତାଙ୍କର ଅନେକ ପତ୍ର ମୋତେ ହସ୍ତଗତ ହେଉଥିଲା । ସେହି ପତ୍ରରେ ଅନେକ ପ୍ରକାରର ଟୀକା ଓ ଟିପ୍ପଣୀ ମଧ୍ୟ ସେ ଉଲ୍ଲେଖ କରୁଥିଲେ । ସ୍ୱର୍ଗତା ଜଣେ ଦାରିଦ୍ର୍ୟ ହିତୈଷିଣୀ ମହିଳା ଥିଲେ । ଅଲ୍ଲାଃତାଲା ସମସ୍ତ ମୃତକ ଓ ମୃତକାମାନଙ୍କ ପ୍ରତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ସେମାନଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଓ ସେମାନଙ୍କର ସନ୍ତାନ ସନ୍ତତିଙ୍କୁ ନିଜ ପୂର୍ବପୁରୁଷଙ୍କ ପଦାଙ୍କ ଅନୁସରଣ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ସେହିଭଳି ପୂର୍ବଜଙ୍କର ପୁଣ୍ୟାବଳୀଗୁଡ଼ିକୁ ଅବ୍ୟାହତ ରଖିବା ପାଇଁ ସାମର୍ଥ୍ୟ ମଧ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଊଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜ଼ିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକରୁଲ୍ଲାହି ଅକ୍‌ବର୍ ।**

....................................

KHULASA KHUTBA JUMA HUZOOR ANWAR a.b.a
18th Nov. 2022